# Akashvani, Sambalpur

## SAMBALPURI NEWS EVENING BULLETIN

**23 April 2025- 7.02 pm- 7.12 pm.**

**********************************************

୧- ଆତଙ୍କବାଦୀ ଘଟ୍‌ନା ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଦିଲ୍ଲୀ ନ ଚାଲିଛେ କେନ୍ଦ୍ର କେବିନେଟ୍‌ର ଜରୁରୀ ବୈଠକ୍ ।

- ଆଏଜ୍ ରାତି ଘର୍‌କେ ଫିର୍‌ବା ଓଡ଼ିଆ ପର୍ଯ୍ୟଟକଙ୍କର୍ ମୃତଦେହ ।

୨- ରାଜ୍ୟ କେବିନେଟ୍ ବୈଠକ୍‌ଥି ୫ ଟା ବିଭାଗ୍‌ର ୬ ଟା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍‌କେ ମିଲ୍‌ଲା ମଞ୍ଜୁରୀ ।

୩- ପଂଚାୟତିରାଜ୍ ଦିବସ୍ ଅବ୍‌ସରେ ଆଏବା କାଏଲ୍ ପୁରୀ ନୁ ହିତାଧିକାରୀମାନ୍‌କୁ ବଂଟାଯିବା ନୂଆଁ ରାସନ୍‌କାର୍ଡ଼ ।

ଆଉର୍

୪- ନିଜସ୍ୱ ଭାବେ ଅଧ୍ୟୟନ୍ ବାର୍ତା ନେଇକରି ପାଲିତ୍ ହେଲା ବିଶ୍ୱ ପୁସ୍ତକ୍ ଦିବସ୍ ।

ଜମ୍ମୁ କାଶ୍ମୀର୍ ଆତଙ୍କବାଦୀ ଆକ୍ରମଣ     ଆର୍ଏନ୍ୟୁ/ ସମ୍ବଲପୁର

ଜମ୍ମୁ କାଶ୍ମୀର୍ ଆତଙ୍କବାଦୀ ଆକ୍ରମଣ୍ ଘଟ୍ନା ଉତ୍ରୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଉଦୀ ଆରବ୍ ଗସ୍ତନୁ ଫିରିଆସିକରି  ନୂଆଦିଲ୍ଲୀ ଠାନେ କେନ୍ଦ୍ର କେବିନେଟ୍‌ର ଜରୁରୀ ବୈଠକ୍ ଡାକିଛନ୍ । ୭ ଲୋକକଲ୍ୟାଣ୍ ମାର୍ଗ ଠାନେ ଥିବା ତାଙ୍କର୍ ଆବାସିକ୍ କାର୍ଯ୍ୟାଳୟ ନ ଇହାଦେ ବୈଠକ୍ ଚାଲିଛେ । ଇଥି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ, ବୈଦେଶିକ୍ ବ୍ୟାପାର୍ ମନ୍ତ୍ରୀ ଏସ୍.ଜୟଶଙ୍କର୍, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍, ଜାତୀୟ ନିରାପତା ଉପଦେଷ୍ଟା ଅଜିତ୍ ଡୋଭାଲ୍ ଙ୍କର୍ ସହେତେ ବହୁତ୍ ବରିଷ୍ଠ ଅଧିକାରୀ ଯୋଗ୍ ଦେଇଛନ୍ । ତାର୍ ଆଘୋନୁ ପ୍ରଧାନ୍‌ମନ୍ତ୍ରୀ ନୂଆଦିଲ୍ଲୀ ବିମାନ୍ ବନ୍ଦର୍ ନ ଭିଲ୍ ନିରାପତା ବାବଦ୍ ସମୀକ୍ଷା ବୈଠକ୍ କରିଥିଲେ ।

ସେଆଡ଼େ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏର ଗୁଟେ ଦଲ୍ ଆକ୍ରମଣ୍ ଜାଗାକେ ପୁହୁଁଚିକରି ତଦନ୍ତ୍ ମୁଲ୍ କରିଥିଲା ବେଲ୍‌କେ ଗୁଇନ୍ଦା ସଂସ୍ଥା ଆଉ ପୁଲିସ୍ ତର୍‌ଫୁ ଘଟ୍ନାଥି ଜଡ଼ିତ୍ ଥିବା ୩ ଝନ୍ ଆତଙ୍କବାଦୀଙ୍କର୍ ସ୍କେଚ୍ ଜାରି କରାଯାଇଛେ ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମୃତକଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜନାବାର୍ ସହେତେ ଆହତ୍ ମାନ୍‌କୁ ଡାକ୍ତର୍‌ଖାନାଥି ଭେଟିଛନ୍ ।

ଆତଙ୍କବାଦୀ ଆକ୍ରମଣରୁ ଜୀବନ୍ ଯାଇଥିବା ଲୁକ୍‌କର୍ ପରିବାର୍ ବର୍ଗଙ୍କୁ ଜମ୍ମୁ-କାଶ୍ମୀର୍ ସର୍‌କାର୍ ୧୦ ଲାଖ୍ ଟଙ୍କା ଅନୁକମ୍ପାମୂଲକ୍ ସାହାଜ୍ ଘୋଷ୍‌ନା କରିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆତଙ୍କବାଦୀ ଆକ୍ରମଣ୍‌ର କଡ଼ା ନିନ୍ଦା କରିଛନ୍ ।

ଓଡ଼ିଆ ଯୁବକ ପ୍ରଶାନ୍ତଙ୍କର୍ ମରଶରୀର ଆଏଜ୍ ଉପର୍‌ବେଲା ଶ୍ରୀନଗର୍‌ନୁ ବାହାରିକରି ରାତିର୍ ୧୦ ବଜେତକ୍ ଭୁବ୍‌ନେଶ୍ୱର୍ ବିଜୁ ପଟ୍ଟନାୟକ୍ ଅନ୍ତର୍ଜାତୀୟ ବିମାନ୍ ବନ୍ଦର୍ ନ ପୁହୁଁଚିବା ବଲି ସୂଚ୍‌ନା ମିଲିଛେ । ଜମ୍ମୁ କାଶ୍ମୀର୍‌ର ପହଲ୍‌ଗାଓଁ ନ ଆତଙ୍କବାଦୀ ଆକ୍ରମଣ୍ ଉତ୍‌ରୁ ସେଠାନେ ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କରାଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଜମ୍ମୁ କାଶ୍ମୀର୍‌ର ପହେଲ୍‌ଗାଓଁ ଠାନେ ଆତ୍‌ଙ୍କବାଦୀ ଆକ୍ରମଣ୍ ଘଟ୍‌ନାରୁ ୨ ଝନ୍ ସ୍ଥାନୀୟ ଲୁକ୍‌କୁ ମିଶେଇକରି ୨୬ ଝନ୍ ପର୍ଯ୍ୟଟକଙ୍କର୍ ଜୀବନ୍ ଯାଇଛେ ।

ରାଜ୍ୟ କେବିନେଟ୍ ବୈଠକ୍ I&PR

ସ୍ୱାସ୍ଥ୍ୟ, ଜଲ ସମ୍ପଦ, ମହିଳା ଶିଶୁ ବିକାଶ, ଅବକାରୀ ଆଉ ଅନୁସୂଚିତ ଜାତି/ଜନଜାତି ବିଭାଗ୍‌ର ୬ଟା ପ୍ରସ୍ତାବ୍‌କେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଅଧ୍ୟକ୍ଷତାରୁ

ବସିଥିବା ରାଜ୍ୟ କ୍ୟାବିନେଟ୍‌ର ବୈଠକ୍‌ଥି ମଞ୍ଜୁରୀ ମିଳିଛେ । ସେ ଭିତ୍‌ରେ ଅଙ୍ଗନୱାଡ଼ି କର୍ମୀମାନଙ୍କର ପଦୋନ୍ନତି ଲାଗି ଶିକ୍ଷାଗତ ଯୋଗ୍ୟତାକେ ମେଟ୍ରିକ୍‌ନୁ ସ୍ନାତକୋତର୍‌କେ ବଢ଼ାବାର ପ୍ରସ୍ତାବ, ଅବକାରୀ କନ୍‌ଷ୍ଟେବଲ୍ ଡିଭିଜନ୍‌କେ ବଦ୍‌ଲାଯାଇକରି ଜିଲ୍ଲା କେଡ଼ର୍ ଗଠନ୍, ଏସ୍.ସି. , ଏସ୍.ଟି. କେଡର୍ ପୁନର୍ଗଠନ୍ ବାଗିର୍ ପ୍ରସ୍ତାବ୍‌କେ ମଞ୍ଜୁରି ମିଳିଛେ ବଲି ବୈଠକ୍ ଉତ୍‌ରୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ ।
(ଏସ୍ ଓଭର୍-ମୁଖ୍ୟ ଶାସନ ସଚିବ)

ନୂଆଁ ଏନ୍‌ଏସି ଗଠନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ୨୦ ଟା ନୂଆଁ ଏନ୍‌ଏସି ଗଠନ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ପ୍ରକ୍ରିୟା ମୁଲ୍ କରିଛନ୍ । ଇ ବାବ୍‌ଦେ ଜିଲ୍ଲାମାନ୍‌କୁ ଚିଠି କରାଯିବାର୍ ସହେତେ ତର୍ଜମା ଲାଗି ପଂଚାୟତିରାଜ୍ ବିଭାଗ୍‌କେ ପଠାଯାଇଛେ ବଲି ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ଇହାଦେ ରାଏଜେ ୧୭ ପ୍ରତିଶତ୍ ସହରାଂଚଲ୍ ରହିଛେ, ଇତାକେ ୩୦ ପ୍ରତିଶତ୍‌କେ ବଢ଼ାଯିବାର୍ ଲକ୍ଷ୍ୟ ରଖାଯାଇଛେ ବଲି ମନ୍ତ୍ରୀ ଡକ୍ଟର୍ ମହାପାତ୍ର କହିଛନ୍ ।

ରାସନ କାର୍ଡ ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀଠାନେ ଆଏବାକାଏଲ୍ ପଂଚାୟତିରାଜ୍ ଦିସବ୍ ପାଲନ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ଅବ୍‌ସରେ ରାଜ୍ୟର୍ ୫ ଲାଖ୍ ୯୦ ହଜାର ହିତାଧିକାରୀମାନଙ୍କୁ ନୂଆ ରାସନ୍ କାର୍ଡ ବଂଟାଯିବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ ।  ରାଏଜେ ଗଲାକାଏଲ୍‌ତକ୍ ୨୫ ଲାଖ୍ ଲୋକ୍ ରାସନ୍‌କାର୍ଡ଼ ଲାଗି ଇ-କେଓ୍ୱାଇସି ନାଇଁ କରିଥିବାର୍ କଥା ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

(ଭଏସ୍ ଓଭର୍- କୃଷ୍ଣଚନ୍ଦ୍ର ପାତ୍ର)

ଇତାର୍ ସହେତେ ୧ ଲାଖ ୭୦ ହଜାର୍ ସୁଭଦ୍ରା ଯୋଜ୍‌ନାର୍ ଯୋଗ୍ୟ ହିତାଧିକାରୀମାନ୍‌କୁ ୬ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ବଂଟାଯିବା ବଲି ସର୍‌କାରୀ ସୂତ୍ରନୁ ଜନାପଡ଼ିଛେ ।

ମୁଖ୍ୟମନ୍ତ୍ରୀ-ପୂର୍ତ ବିଭାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଆଏଜ୍ ପୂର୍ତ ବିଭାଗ୍‌ର ପ୍ରୋଜେକ୍ଟ ମନିଟରିଂ ଡେସ୍‌ବୋର୍ଡ଼କେ ଉନ୍ମୋଚନ୍ କରିଛନ୍ । ଇତାର୍ ଜରିଏ ଭିତିଭୂମି ପ୍ରକଳ୍ପ ମାନ୍‌କର୍ ଠିକ୍ ସମିଆଥି ତଦାରଖ୍ କରାଯାଇପାର୍‌ବା ଆଉ ଅଏତ୍‌କା ଦକ୍ଷତାର୍ ସହେତେ

ନିର୍ଭୁଲ୍ ଭାବେ କାର୍ଯ୍ୟକାରୀ କରାଯାଇପାର୍‌ବା ବଲି ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ କହିଛନ୍ । ଇଥି ସବୁ ବଡ଼ ବଡ଼ ପ୍ରକଳ୍ପମାନ୍‌କୁ ସାମିଲ୍ କରାଯାଇକରି ସାର୍ବଜନୀନ ସମ୍ପତି ଆର୍ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ମାନ୍‌କର୍ ସଦ୍ୟ ଚିତ୍ର ଦେଖି ହେବା । ହେଥିର୍‌ଲାଗି ଶାସନ୍ ବ୍ୟବସ୍ଥାଥି ଅଏତ୍‌କା ଆର୍ଥିକ ସ୍ୱଚ୍ଛତା ଆସିପାର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୭ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ

ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ପୁସ୍ତକ ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ବହିର୍ ମହତ୍ୱ ବାବ୍‌ଦେ ସାଧାରଣ୍ ଲୁକ୍‌କୁ ଜନାବାର୍ ଲାଗି ଆଏଜ୍ ବିଶ୍ୱ ପୁସ୍ତକ୍ ଆଉ ସତ୍ୱାଧିକାର୍ ଦିବସ୍ ପାଲନ୍ କରାଯାଉଛେ । 'ନିଜସ୍ୱ ଭାବେ ଅଧ୍ୟୟନ୍' ଆଝିର୍ ଦିବସ୍‌ର ଇ ବଛ୍‌ରର୍ ବାର୍ତା ରହିଛେ । ଫି' ବଛର୍ ଏପ୍ରିଲ୍ ମାସର୍ ୨୩ ତାରିଖ୍‌କେ ୟୁନେସ୍କୋ ତର୍‌ଫୁ ବିଶ୍ୱ ପୁସ୍ତକ୍ ଦିବସ୍ ଭାବେ ପାଲନ୍ କରାଯାଉଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଦିବସ୍‌ର ଶୁଭେଚ୍ଛା ଜନାବାର୍ ସହେତେ ବହିର ସୃଜନଶୀଳତାକେ ପାଲନ୍ କର୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ ।

ପୋପ୍ ଫ୍ରାନ୍‌ସିସ୍ ଶେଷକୃତ୍ୟ ଆର୍‌ଏନ୍‌ୟୁ/ ସମ୍ବଲପୁର

କେଥଲିକ୍ ଖ୍ରୀଷ୍ଟିୟ ଧର୍ମଗୁରୁ ପୋପ୍ ଫ୍ରାନ୍‌ସିସ୍‌ଙ୍କର୍ ଶେଷକୃତ୍ୟ ଆଏବା ୨୬ ତାରିଖ୍ ଦିନ କରାହେବା । ଭାଟିକାନ୍ ସିଟିର ସେଂଟ୍ ପିଟର୍ସ ସ୍କୋୟାର୍ ଠାନେ ସଖାଲର୍ ୧୦ ବଜେ

କରାଯିବା ବଲି ଜନାପଡ଼ିଛେ । କେନ୍ଦ୍ର ସର୍‌କାର୍ ପୋପ୍ ଫ୍ରାନ୍‌ସିସ୍‌ଙ୍କର୍ ପରଲୋକ୍ ଲାଗି ଗଲାକାଏଲ୍ ଆର୍ ଆଏଜ୍ ଦୁଇ ଦିନ୍ ରାଷ୍ଟ୍ରୀୟ ଶୋକ ଘୋଷ୍‌ନା କରିଛନ୍ । ସେନ୍ତା ଆଏବା ୨୬ ତାରିଖ୍ ଦିନ ଭିଲ୍ ଦେଶେ ରାଷ୍ଟ୍ରୀୟ ଶୋକ ମନାଯିବା ବଲି କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ ।

ନୂଆ ସିଭିଲ୍ ଜଜ୍ ଗଠନ୍ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ସମ୍ବଲପୁର ଜିଲ୍ଲା ରେଙ୍ଗାଲି, ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ଆଉ ବାଲେଶ୍ୱର ଜିଲ୍ଲାର ବାଲିଆପାଳଠାନେ ୩ଟା ନୂଆ ସିଭିଲ୍ ଜଜ୍ କୋର୍ଟ ଜୁନିୟର୍ ଡିଭିଜନ୍ ଗଠନ୍ କର୍‌ବାର ପ୍ରସ୍ତାବ୍‌କେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଞ୍ଜୁର କରିଛନ୍ । ତାର୍ ଉତ୍‌ରୁ ଇ ବାବ୍‌ଦେ ବିଜ୍ଞପ୍ତି ବାହାରିଛେ । ଉଚ୍ଚ ନ୍ୟାୟାଳୟର୍ ପରାମର୍ଶ ଉତ୍‌ରୁ ରାଜ୍ୟ ସରକାର ଇ ପଦକ୍ଷେପ୍ ନେଇଛନ୍ । ୩ଟା ନୂଆ କୋର୍ଟ ଗଠନ୍ ହେଲା ଉତ୍‌ରୁ ଇ ସବୁ ରାଜସ୍ୱ ତହସିଲ୍ ଉପ୍‌ରେ କ୍ଷେତ୍ରାଧିକାର ଥିବା ବାକି ସବୁ ଜୁନିୟର୍ ଡିଭିଜନ୍ ସିଭିଲ୍ ଜଜ୍ କୋର୍ଟ ମାନ୍‌କର ଅଧିକାର ଶେଷ୍ ହେଇଛେ ।

ଜଳ ନିଗମ୍ ନିର୍ଦ୍ଦେଶକ୍ ନୂଆପଡ଼ା ଗସ୍ତ ନୂଆପଡ଼ା ସମ୍ବାଦଦାତା

ଓଡ଼ିଶା ଜଳ ନିଗମ୍ ନିର୍ଦ୍ଦେଶକ୍ ଦେବବ୍ରତ ମହାନ୍ତି ଆଏଜ୍ ନୂଆପଡ଼ା ଜିଲ୍ଲା ସର୍କିଟ୍ ହାଉସ୍‌ଠାନେ ତିନ୍‌ହି ବିଜ୍ଞପିତ ଅଂଚଲ୍ ପରିଷଦ ନୂଆପଡ଼ା, ଖରିଆର ରୋଡ଼ ଆଉ ଖଡ଼ିଆଳର ଭିନ୍ ଭିନ୍ କାମ୍‌ର ସମୀକ୍ଷା କରିଛନ୍ । ବୈଠକ୍‌ଥି ଅମୃତ ଯୋଜ୍‌ନା, ପ୍ରଧାନମନ୍ତ୍ରୀ ଆବାସ, ସହର ପରିମଳ ବ୍ୟବସ୍ଥା, ଗରିମା ଯୋଜ୍‌ନାର ସମୀକ୍ଷା କରାଯାଇଛେ । ବୈଠକ୍‌ଥି ଏନ୍‌ଏସିର ଅଧିକାରୀମାନେ ଯୋଗ୍ ଦେଇଥିଲେ । ତାର୍‌ଉତ୍‌ରୁ ଶ୍ରୀ ମହାନ୍ତି ନୂଆପଡ଼ା ଏମ୍‌ସିପି, ଏମ୍‌ଆର୍‌ଏଫ୍ ସେଡ୍ ବୁଲି ଦେଖିବାର୍ ସହେତେ ପତୋରା ଠାନେ ଜଲ୍ ଯୋଗାଣ ବ୍ୟବସ୍ଥାର କ୍ଷେତ୍ର ପରିଦର୍ଶନ୍ କରିଛନ୍ ।

ଆଇନ୍‌ସେବା ପ୍ରାଧିକରଣ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ବିକଳ୍ପ ସମାଧାନ୍ କେନ୍ଦ୍ର ସମ୍ମିଳନୀ କକ୍ଷ ନ ଆଇନ୍ ସହାୟତା ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ସମାଜ୍‌ର ଅବହେଳିତ୍ ବର୍ଗର୍ ସହେତେ ଶିଶୁ, ମହିଳା ଆଉ ଅସହାୟ ଲୁକ୍‌କୁ ଆଇନ୍, ସ୍ୱାସ୍ଥ୍ୟ ସହାୟତା, ସାମାଜିକ୍ ସୁରକ୍ଷା ଦେବାର୍ ଉପ୍‌ରେ ଆଇନ୍ ସେବା ପ୍ରାଧିକରଣ୍‌ର ସମ୍ପାଦିକା

ଆଲୋଚନା କରିଥିଲେ । ପ୍ରାକୃତିକ୍ ବିପର୍ଯ୍ୟୟଥି କ୍ଷତି ସହିଥିବା ଲୁକ୍‌କର୍ ସହେତେ ଅଣ ସଂଗଠିତ୍ ଶ୍ରମିକ୍‌ମାନ୍‌କୁ ନ୍ୟାୟ ଦେବାର୍ ଆର୍ ଦିବ୍ୟାଙ୍ଗ ମାନ୍‌କୁ ସାହାଜ୍ ଦେବାର୍ ସହେତେ ଜନକଲ୍ୟାଣ୍‌କାରୀ ଯୋଜ୍‌ନାଥି ଜୁଡ୍‌ବାର୍ ଲାଗି ଆଇନ୍ ସହାୟକ ମାନ୍‌କୁ ଶିବିର୍‌ଥି ତାଲିମ୍ ଦିଆଯାଇଛେ । କାର୍ଯ୍ୟକ୍ରମ୍‌ଥି ୫୦ ନୁ ଅଏତ୍‌କା ଅଙ୍ଗନବାଡ଼ି କର୍ମୀ ଆଉ ସ୍ୱେଚ୍ଛାସେବୀ ଭାଗ୍ ନେଇଥିଲେ ।

ଅଂଶୁଘାତ୍ ସଚେତନତା କାର୍ଯ୍ୟକ୍ରମ୍        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ଠାନେ ଜୁନିଅର୍ ରେଡ୍‌କ୍ରସ୍ ତର୍‌ଫୁ ଝାଡମରା ଲାଗି ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଝାଡମରାକେ ରୁକ୍‌ବାର୍ ଲାଗି ସାଧାରଣ୍ ଲୁକ୍‌କୁ ଦିନ୍‌ବେଲା ଭିନ୍ ଭିନ୍ ପଦକ୍ଷେପ୍ ନେବାର୍ ବାବ୍‌ଦେ ସଚେତନ୍ କରାଯାଇଥିଲା । ଛାତ୍ରଛାତ୍ରୀମାନ୍‌କୁ ତାଙ୍କର୍ ପରିବାର୍ ଆଉ ଗାଁ ଲୁକକୁ ଝାଡମରା ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି କୁହାଯାଇଥିଲା ।

ପୋଷଣ ପକ୍ଷ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ସଭାଗୃହ ନ ଜିଲ୍ଲାସ୍ତରୀୟ ପୋଷଣ୍ ପକ୍ଷ ପାଲିତ୍ ହେଇଯାଇଛେ । ଜିଲ୍ଲା ସମାଜ୍ ମଙ୍ଗଳ ବିଭାଗ୍ ତର୍ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍, ଅତିରିକ୍ତ ଜିଲ୍ଲାପାଲ୍, ଜିଲ୍ଲାପରିଷଦ୍ ମୁଖ୍ୟ ଉନ୍ନୟନ୍ ନିର୍ବାହୀ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ଖାସ୍ କରି ଅପପୁଷ୍ଟିକେ ହଟାବାର୍ ଲାଗି ୪ ଟା ବିଷେ ଉପ୍‌ରେ ଆଲୋଚନା କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଅସ୍ୱାଭାବିକ୍ ଭାବେ ବଢ଼ିଚାଲିଛେ ତାତି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୪ ଦିନ୍ ତକ୍ ପାଗ୍ ଏନ୍ତା ଲାଗି ରହେବା । ଆଏବା କାଏଲ୍‌ତକ୍ ସମ୍ବଲପୁର, ଝାର୍‌ସୁଗୁଡ଼ା, ବୌଦ୍ଧ, ବଲାଙ୍ଗିର, ସୁନ୍ଦର୍‌ଗଡ଼୍, ବର୍‌ଗଡ଼୍, କଲାହାଣ୍ଡି, ସୁବର୍ଣ୍ଣପୁର୍ ଜିଲ୍ଲା ନ ଜବର୍ ଗ୍ରୀଷ୍ମ ଲହରୀ ଲାଗି ରହେବା । ଝାର୍‌ସୁଗୁଡ଼ା ନ ଜବର୍ ଖରାକେ ନେଇକରି ପାଣିପାଗ୍ କେନ୍ଦ୍ର ଅଏତ୍‌କା ସତର୍କ କରିଛେ । ସେଆଡ଼େ ଆଏଜ୍ ରାଜ୍ୟର୍ ସବୁନୁ ଜହ ତାତି ଝାର୍‌ସୁଗୁଡ଼ା ନ ୪୫ ଦଶ୍‌ମିକ୍ ୪ ଡିଗ୍ରୀ ସେଲ୍‌ସିଅସ୍ ରହିଥିବାର୍ ବେଲେ ୧୪ ଟା ସହରର୍ ତାତି ୪୨ ଡିଗ୍ରୀ ସେଲ୍‌ସିଅସ୍‌ନୁ ଅଏତ୍‌କା ରେକର୍ଡ଼ କରାଯାଇଛେ ।